www.utkalfoundation.in

UTKAL FOUNDATION
Registration No
40232104044
Make Every Home Spritually Rich

**REGISTERED BY GOVT. OF ODISHA UNDER CHARITABLE TRUST ACT**

# UTKAL FOUNDATION

## ସମସ୍ତଙ୍କର ସେବା ଓ ସମାଜର ଆଧାତ୍ମିକ ଉନ୍ନତି ଆମର ମୂଳ ମନ୍ତ୍ର

**Mail ID** **info@utkalfoundation.in** **Mob : 7978230576**

MSME

MICRO, SMALL & MEDIUM ENTERPRISES

सूक्ष्म, लघु एवं मध्यम उद्यम

OUR STRENGTH • हमारी शक्ति

सत्यमेव जयते

Ministry of MSME, Govt. of India

# UDYAM Registration

**The Licence is for Micro ,Small & Medium Enterprises seeking for Funds from State as well as Central Government**

# NGO DARPAN REGISTRATION

**VOs/NGOs play a major role in the development of the nation by supplementing the efforts of the Government.**

# ISO 9001;2015 Certification

**Grow Your Brand Value with the Quality Management System**

The Sign of Quality Assurance from International Standard Organization | The audit for quality is very important for this certification (Online & Offline Process) | Funding & Projects application are easy with ISO










ସାମାଜିକ ସଂସ୍କାର, ପ୍ରାଧିକରଣ ଓ ଉନ୍ନତିକରଣ କ୍ଷେତ୍ର ରେ ଉତ୍କଳ ଫାଉଣ୍ଡେସନ ସମଗ୍ର ଭଦ୍ରକ ଜିଲ୍ଲା ରେ ଏକ ପରିଚିତ ଓ ଆଗ୍ରଗଣ୍ୟ ସଂଗଠନ ହିସାବରେ ଖ୍ୟାତି ଲାଭ କରିଛି | 2021 ମସିହା ରେ ଭଣ୍ଡାରିପୋଖରୀ, ଭଦ୍ରକ ଠାରେ ପ୍ରତିଷ୍ଠିତ ହୋଇଥିବା ଆମର ପଞ୍ଜିକୃତ ଟ୍ରଷ୍ଟ ଉତ୍କଳ ଫାଉଣ୍ଡେସନ, ଆଜି ପର୍ଯ୍ୟନ୍ତ ଦୀର୍ଘ ଦୁଇ ବର୍ଷ ଭିତରେ ସମଗ୍ର ଭଦ୍ରକ ଜିଲ୍ଲା ରେ

1 - ସ୍ୱାସ୍ଥ୍ୟ ପରିସେବା କ୍ଷେତ୍ର ରେ **12** ଟି ପ୍ରୋଜେକ୍ଟ

2 - ଶିକ୍ଷା କ୍ଷେତ୍ର ରେ **15** ଟି ପ୍ରୋଜେକ୍ଟ

3 - ପରିବେଶ ସୁରକ୍ଷା କ୍ଷେତ୍ର ରେ **7** ଟି ପ୍ରୋଜେକ୍ଟ

4 - ନିଶା ନିବାରଣ କ୍ଷେତ୍ର ରେ **5** ଟି ପ୍ରୋଜେକ୍ଟ

5 - ରିଲିଫ ଯୋଗାଣ କ୍ଷେତ୍ର ରେ **21**ଟି ପ୍ରୋଜେକ୍ଟ



ABC
education
BACK TO SCHOOL
SUCCESS
Back to School!
$ac^2+bc^2=?$
$a^2+b^2=c^2$
$E=Mc^2$
$H_2O$
ଶିକ୍ଷା ଅଟଇ ମହାଧନ





# ଶିକ୍ଷା ଅଟଇ ମହାଧନ

ଯଦି ଓଡିଶା ରେ ଆମେ ଶିକ୍ଷା ବ୍ୟବସ୍ଥା ଉପରେ ବିଚାର କରିବା ତେବେ ଆମେ ଦେଖ୍ବା ଯେ ଓଡ଼ିଶାରେ ଶିକ୍ଷିତ ହାର 73.5% ଯାହାକି ଜାତୀୟ ଶିକ୍ଷିତ ହାର ଠାରୁ ଏକ ପ୍ରତିଶତ କମ୍ | ରାଜ୍ୟ ର ଏଇ ନିମ୍ନ ଶିକ୍ଷିତ ହାର ପାଇଁ ବହୁ ଗୁଡିଏ କାରଣ ରହିଛି |ଦାରିଦ୍ର୍ୟତା ଏହାର ମୁଖ୍ୟ କାରଣ | ଦାରିଦ୍ର୍ୟତା ଯୋଗୁ ଓ ଶିଶୁ ମାନଙ୍କ ଅଭିଭାବକ ମାନଙ୍କର ଶିକ୍ଷା ର ଅଭାବ ହେତୁ ବହୁତ ଶିଶୁ ଶିକ୍ଷା ଲାଭ କରିବା ବଦଳରେ ଶିଶୁ ଶ୍ରମିକ ଭାବରେ ନିଯୁକ୍ତ ହେଉଛନ୍ତି | ସେମାନଙ୍କ ଭିତରୁ ଅନେକ ଶିଶୁ ଆଦୌ ସ୍କୁଲ ଦ୍ୱାର ହିଁ ଯାଇନାହାନ୍ତି, ଆଉ କିଛି ଶିଶୁ ସ୍କୁଲ ଯାଇ ମଧ୍ୟ ଅଧାରୁ ପାଠ ଛାଡି ଦେଇଛନ୍ତି | ଉତ୍କଳ ଫାଉଣ୍ଡେସନ ଏହିପରି ଶିଶୁ ମାନଙ୍କର ତଥ୍ୟ ନିଜ ସାଧନ ବଳ ରେ ଯୋଗାଡ କରି ଶିଶୁ ମାନଙ୍କର ଅଭିଭାବକ ମାନଙ୍କ ପାଖରେ ପହଁଚି ସେମାନଙ୍କୁ ବୁଝାଇ ସୁଝାଇ ଓ ଶିଶୁ ମାନଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ଯଥା ଅର୍ଥ, ବହି , ଖାତା , କଲମ ଇତ୍ୟାଦି ଯୋଗାଇ ଦେଇ ସେମାନଙ୍କୁ ଶିକ୍ଷା ର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାରେ ସଫଳ ହୋଇପାରିଛି |







ସମସ୍ତଙ୍କର ସେବା ଓ ସମାଜର
ଆଧ୍ୟାତ୍ମିକ ଉନ୍ନତି ଆମର ମୂଳ ମନ୍ତ୍ର









ସମସ୍ତଙ୍କର ସେବା ଓ ସମାଜର
ଆଧ୍ୟାତ୍ମିକ ଉନ୍ନତି ଆମର ମୂଳ ମନ୍ତ୍ର


MEDICAL REPORT
02 :43 080
586 :89 403
253 :684 :01
99 :RP_809
ସ୍ୱାସ୍ଥ୍ୟ ହିଁ ସମ୍ପଦ





୩୨ ଚକ୍ଷୁ ରୋଗୀ ଅସ୍ତ୍ରୋପଚାର ପାଇଁ ଚିହ୍ନଟ




# ସ୍ୱାସ୍ଥ୍ୟ ହିଁ ସମ୍ପଦ

ଓଡିଶା ର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଆମେ ଯଦି ଆଲୋକପାତ କରିବା ଦେଖିବା ଯେ ଓଡିଶା ର ସ୍ୱାସ୍ଥ୍ୟ ପରିସେବା ର ଗୁଣାତ୍ମକ ମାନ ବଢ଼େଇ ବାର ବହୁ ଆବଶ୍ୟକତା ରହିଛି | ଜାତୀୟ ଜନ୍ମିତ ଶିଶୁ ମୃତ୍ୟୁ ହାର 3.2 % ଥିବା ବେଳେ ଓଡିଶା ରେ ଜନ୍ମିତ ଶିଶୁ ମୃତ୍ୟୁ ହାର 4 % ରହିଛି | ଓଡିଶା ର ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହାର , ମା ଓ ଶିଶୁ ମାନଙ୍କର ଉପଯୁକ୍ତ ପୋଷଣ ର ଅଭାବ , ମହିଳା ମାନଙ୍କର ରକ୍ତ ହୀନତା, ବୟସ୍କ ଲୋକ ମାନଙ୍କର ଚକ୍ଷୁ ନଷ୍ଟ , ଅକାଳ ବାର୍ଦ୍ଧକ୍ୟ ଇତ୍ୟାଦି ରେ ଓଡିଶା ର ହାର ଜାତୀୟ ହାର ଠାରୁ ବହୁ ଉର୍ଦ୍ଧ୍ୱ ରେ | ତେଣୁ ଉତ୍କଳ ଫାଉଣ୍ଡେସନ ରାଜ୍ୟ ଓ ଜିଲ୍ଲା ର ଏହି ସବୁ ଅସୁବିଧା ସମୂହ କୁ ନିଜର ଦାୟିତ୍ୱବଦ୍ଧତା ଭାବେ ଗ୍ରହଣ କରି ନିଜ ସାଧନ ବଳ ରେ ଡାକ୍ତର ଓ ସ୍ୱାସ୍ଥ୍ୟ ସେବା ଯୋଗାଉ ଥିବା ବିଭିନ୍ନ କମ୍ପାନୀ ମାନଙ୍କ ସହ ନିଜକୁ ଅନୁ ବନ୍ଧିତ କରି ବିଭିନ୍ନ ଗ୍ରାମ ଓ ବସ୍ତି ଅଞ୍ଚଳ ରେ ଯେଉଁଠି ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପହଂଚି ପାରୁ ନାହିଁ ସେଠି ବିଭିନ୍ନ ପ୍ରକାରର ଶିବିର ମାନ ଆୟୋଜନ କରିଥାଏ | ଯେମିତି ରକ୍ତ ଦାନ ଶିବିର, ଚକ୍ଷୁ ଚିକିତ୍ସା ଶିବିର , ସ୍ୱାସ୍ଥ୍ୟ ଶିବିର ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳ ରେ ନିୟମିତ ଭାବରେ ଆୟୋଜନ କରିଥାଏ | ତତ୍ ସଙ୍ଗେ ବହୁ ଲୋକ ମାନଙ୍କୁ ଏହାର ସୁଫଳ ମଧ୍ୟ ପ୍ରଦାନ କରିଥାଏ | ଏହା ସହ ଆମେ ଉତ୍କଳ ଫାଉଣ୍ଡେସନ ଆମ ନିଜ ତରଫରୁ ଅସହାୟ ରୋଗୀ ମାନଙ୍କ ପାଖରେ ପହଂଚି ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ର ବ୍ୟବସ୍ଥା କରିଥାଉ ଯେମିତି ସେମାନଙ୍କୁ ଉପଯୁକ୍ତ ଚିକିତ୍ସାଳୟ ରେ ପହଞ୍ଚେଇବା ପାଇଁ ଗାଡି ବ୍ୟବସ୍ଥା, ରୋଗୀ ଙ୍କର ସମ୍ପର୍କୀୟ ମାନଙ୍କର ରହଣି ବ୍ୟବସ୍ଥା ଓ ଖାଦ୍ୟ ପେୟ ବ୍ୟବସ୍ଥା ତତ୍ ସଙ୍ଗେ ସଙ୍ଗେ ଔଷଧ କିଣିବା ପାଇଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥାଉ |


ଭୁମିକା ଚକ୍ଷୁ ହସ୍ପିଟାଲ-ଭଦ୍ରକ


ଭୁମିକା ଚକ୍ଷୁ ହସ୍ପିଟାଲ
ଓ
ଫ୍ରେଣ୍ଡସ ଗ୍ରୁପ ଓ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ
ଆନୁକୂଲ୍ୟରେ ଏକ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ।
ମୋତିଆବିନ୍ଦୁ ଚକ୍ଷୁ ପରୀକ୍ଷା ଶିବିର ।







ଭୂମିକା ଚକ୍ଷୁ ହସ୍ପିଟାଲ ଭଦ୍ରକ
ଓ
ମୋତିଆବିନ୍ଦୁ ଚକ୍ଷୁ ପରୀକ୍ଷା ଶିବିର







ଆମ ପରିବେଶ ହିଁ ଆମ ପରିଚୟ





## ଆମ ପରିବେଶ ହିଁ ଆମ ପରିଚୟ

ଆମ ପରିବେଶ କିପରି ସୁନ୍ଦର, ସୁସ୍ଥ ଓ ସବୁଜ ରହିବ ସେଥିପାଇଁ ଆମେ ସଦା ସର୍ବଦା ଚେଷ୍ଟିତ ରହିଛୁ | ଆମେ ପରିବେଶ ସୁରକ୍ଷା ସଚେତନତା ଶିବିର ମାନ ଆୟୋଜନ କରି ସ୍ୱଚ୍ଛ ଓ ନିର୍ମଳ ପରିବେଶ ଦ୍ୱାରା ସମାଜ କିପରି ସୁସ୍ଥ ରହିବ ସେ ବିଷୟରେ ସଚେତନତା ର ବାର୍ତ୍ତା ଦେବା ସହ ବିଭିନ୍ନ ଗ୍ରାମ ଓ ବସ୍ତି ଅଞ୍ଚଳ ରେ ସଫେଇ ଅଭିଯାନ ମାନ କରି ଆମେ ସୁସ୍ଥ ଓ ସୁନ୍ଦର ପରିବେଶ ମାନ ସୃଷ୍ଟି କରିଥାଉ | ଏଥି ସହ ଏକ ସବୁଜ ପୃଥିବୀ ଗଢି ତୋଳିବା କ୍ଷେତ୍ରରେ ଆମେ ପଦକ୍ଷେପ ନେଇ ପ୍ରତି ବର୍ଷ " ବୃକ୍ଷ ରୋପଣ " କାର୍ଯ୍ୟକ୍ରମ ଆୟୋଜନ କରି ପରିତ୍ୟକ୍ତ ଓ ସରକାରୀ ଜମିରେ ବୃକ୍ଷ ଚାରା ରୋପଣ କରିବା ସହ ଆଗ୍ରହୀ ଲୋକଙ୍କୁ ବୃକ୍ଷ ଚାରା ବଣ୍ଟନ ମଧ୍ୟ କରିଥାଉ | ଆମର ବୃକ୍ଷ ରୋପଣ ଓ ବୃକ୍ଷ ଚାରା ବଣ୍ଟନ କାର୍ଯ୍ୟକ୍ରମ ରେ ଆମେ ଲୋକମାନଙ୍କର ଆବଶ୍ୟକତା କୁ ପ୍ରାଧାନ୍ୟ ଦେଇ ମୁଖ୍ୟତଃ ତିନି ପ୍ରକାର ର ବୃକ୍ଷ ଚାରା ସଂଗ୍ରହ କରିଥାଉ ଯଥା :- ଛାୟା ପ୍ରଦାନକାରୀ ବିଶାଳ ଦ୍ରୁମ ର ଚାରା, ଫଳ ପ୍ରଦାନକାରୀ ବୃକ୍ଷ ର ଚାରା ଓ ଔଷଧୀୟ ଗୁଳ୍ମ ର ଚାରା | ଏହି ସବୁ ବୃକ୍ଷ ର ଚାରା ର ଆବଶ୍ୟକତା କୁ ଆମେ ଲୋକ ମାନଙ୍କୁ ସଚେତନ କରାଇ ପ୍ରଦାନ କରାଇଥାଉ ଓ ଆମର ବୃକ୍ଷ ରୋପଣ କାର୍ଯ୍ୟ ରେ ସାମିଲ କରିଥାଉ |






ଆମ ପରିବେଶ ହିଁ ଆମ ପରିଚୟ




ନିଶାମୁକ୍ତ ସମାଜ
ହିଁ ସୁନ୍ଦର ସମାଜ





# ନିଶାନିବାରଣ କାର୍ଯ୍ୟକ୍ରମ

ମଞ୍ଜୁରୀରୋଡ,୨୮।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପାଳସାହି ଗ୍ରାମରେ ଉତ୍କଳ ଫାଉଣ୍ଡେସନ ପକ୍ଷରୁ ନିଶାନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ରତିକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଉପସଭାପତି ଅଜୟ ରାଉତ ଓ ପ୍ରତିଷ୍ଠାତା ତ୍ରିଲୋଚନ ଦାସ ଯୋଗଦେଇ ବିଭିନ୍ନ ନିଶାର ଭୟାବହତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ନୃସିଂହ ମହାରଣା, ଅଭୟ ବେହେରା, ବାସନ୍ତୀ ପାଲ, ଜଗନ୍ନାଥ ମହାରଣା, କାବୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

## ନିଶାମୁକ୍ତ ସମାଜ ହିଁ ସୁନ୍ଦର ସମାଜ

ଆମ ସମାଜ କୁ ତାହାର କରାଳ ଛାୟା ରେ ଗ୍ରାସ କରିବାକୁ ବସିଥିବା "ନିଶା " ନାମକ ରାକ୍ଷସ ର ବିସ୍ତାର କୁ ନେଇ ଆମେ ଚିନ୍ତିତ ଓ ସଚେତନ | ତେଣୁ ନିଶା ନିବାରଣ ନିମନ୍ତେ ଆମେ ଆକ୍ରାନ୍ତ ଅଞ୍ଚଳ ରେ ନିୟମିତ ନିଶା ନିବାରଣ ଶିବିର ମାନ ଆୟୋଜନ କରିବା ସହ ଏହାର କୁଫଳ କୁ ଜନସମାଜ ଆଗରେ ତୋଳି ଧରିଥାଉ | ଆମର ଏହି ପ୍ରଚେଷ୍ଟା ବଳରେ ନିଶାରେ କବଳିତ ଅନେକ ନିରୀହ ଲୋକ ନିଶା ନିବାରଣ କେନ୍ଦ୍ର ରେ ସାମିଲ ହୋଇ ନିଜକୁ ନିଶା କବଳରୁ ମୁକ୍ତ ହୋଇ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ ହେବାର ସୁଯୋଗ ସୃଷ୍ଟି କରିପାରିଛନ୍ତି |

# ନିଶା ନିବାରଣ କାର୍ଯ୍ୟକ୍ରମ

ଭଣ୍ଡାରିପୋଖରୀ,୨୪।୧୨(ଆ.ପ୍ର): ଭଣ୍ଡାରିପୋଖରୀ ବ୍ଲକର ପାଟୁଳି ପାଳସାହି ଗ୍ରାମରେ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶନିବାର ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାବୁ ପଣ୍ଡା, ଜଗନ୍ନାଥ ମହାରଣା, ନୃସିଂହ ମହାରଣା ଅଭୟ ବେହେରା, ବାସନ୍ତୀ ପାଳ ଭଣ୍ଡାରିପୋଖରୀ ବ୍ଲକର ସଭାପତି ରତିକାନ୍ତ ନାୟକ, ଉପ ସଭାପତି ଅଜୟ କୁମାର ରାଉତ ପ୍ରତିଷ୍ଠାତା ତ୍ରିଲୋଚନ ଦାଶ ପ୍ରମୁଖ ଯୋଗ ଦେଇ ନିଶା ସେବନ ଦ୍ୱାରା ମଣିଷର ଅପକାରିତା ବିଷୟରେ ସଚେତନତା କରାଇଥିଲେ। ଶେଷରେ ଅସହାୟ ବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା।






# ନିଶାନିବାରଣ କାର୍ଯ୍ୟକ୍ରମ

ମଞ୍ଜୁରୀରୋଡ,୨୮।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପାଳସାହି ଗ୍ରାମରେ ଉତ୍କଳ ଫାଉଣ୍ଡେସନ ପକ୍ଷରୁ ନିଶାନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ରତିକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଉପସଭାପତି ଅଜୟ ରାଉତ ଓ ପ୍ରତିଷ୍ଠାତା ତ୍ରିଲୋଚନ ଦାସ ଯୋଗଦେଇ ବିଭିନ୍ନ ନିଶାର ଭୟାବହତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ନୃସିଂହ ମହାରଣା, ଅଭୟ ବେହେରା, ବାସନ୍ତୀ ପାଳ, ଜଗନ୍ନାଥ ମହାରଣା, କାବୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ରକ୍ତ ଦାନ

## ଏକ ମହତ ଦାନ



 

# ରକ୍ତ ଦାନ ଏକ ମହତ ଦାନ

ଓଡିଶା ସମେତ ସମଗ୍ର ଭାରତ ବର୍ଷ ରେ ଚିକିତ୍ସା କ୍ଷେତ୍ର ରେ ଯଦି କୌଣସି ଜିନିଷ ବଡ ବାଧକ ସାଜୁ ଥାଏ ତାହା ହେଉଛି ରକ୍ତ | ରକ୍ତ କର୍କଟ ଓ ରକ୍ତ ହୀନତା କାରଣ ରୁ ଦେଶରେ ପ୍ରତି ବର୍ଷ ଲକ୍ଷ୍ୟ ଲକ୍ଷ୍ୟ ଲୋକ ନିଜର ବହୁ ମୂଲ୍ୟ ଜୀବନ ଏହି ରକ୍ତସଙ୍କଟ କାରଣ ରୁ ହରାଉଛନ୍ତି | ତେଣୁ ସମାଜ ରେ ଏହି ସଙ୍କଟ କୁ ଦୂର କରିବା ପାଇଁ ଉତ୍କଳ ଫାଉଣ୍ଡେସନ ନିଜ ପ୍ରଚେଷ୍ଟା ବଳରେ ଲୋକମାନଙ୍କ ମଧ୍ୟ ରେ ସଚେତନତା ସୃଷ୍ଟି କରିବା ସହ ରକ୍ତ ଦାନ ଶିବିର କୁ ପ୍ରାଥମିକତା ଦେଇ ଆୟୋଜନ କରିଥାଏ | ଏଇ ପର୍ଯ୍ୟନ୍ତ ଉତ୍କଳ ଫାଉଣ୍ଡେସନ ହଜାର ହଜାର ଇଉନିଟ୍ ରକ୍ତ ନିଜ ପ୍ରଚେଷ୍ଟା ରେ ସଂଗ୍ରହ କରି ବ୍ଲଡ୍ ବ୍ୟାଙ୍କ ରେ ପହଞ୍ଚେଇ ହଜାର ହଜାର ଲୋକଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇବା ସହ ଅଧିକ ସଂଖ୍ୟାରେ ଏହି ପରି ଶିବିର ମାନ ନିୟମିତ ଆୟୋଜନ କରି ଅଧିକ ସଂଖ୍ୟାରେ ଲୋକ ମାନଙ୍କୁ ଉପକୃତ କରିବାକୁ ଦୃଢ ସଂକଳ୍ପବଦ୍ଧ ହୋଇଛି |


ଉତ୍କଳ ଫାଉଣ୍ଡେସନ୍










HONDA
ଅସମୟ ର ବନ୍ଧୁ ହିଁ ପ୍ରକୃତ ବନ୍ଧୁ





## ଅଗ୍ନିକାଣ୍ଡ ବିପନ୍ନଙ୍କୁ ସହାୟତା

ଭଣ୍ଡାରିପୋଖରୀ,୧୮।୧୨(ନିପ୍ର): ଭଣ୍ଡାରିପୋଖରୀ ବ୍ଲକର ପାଟୁଳି ପଞ୍ଚାୟତ ମୋବାରକପୁର ଗେଙ୍ଗୁଟିଆସାହିର ଅଗ୍ନି ବିପନ୍ନ ଆଦିବାସୀ ପରିବାର ରାମ ମୁଣ୍ଡା ଓ ବେଳମଳା ସାହିର ପରମା ମୁଣ୍ଡା ଓ ରିଙ୍କୁ ମୁଣ୍ଡାଙ୍କୁ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶନିବାର ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ଉପସଭାପତି ଅଜୟ କୁମାର ରାଉତଙ୍କ ନେତୃତ୍ୱରେ ପ୍ରତିଷ୍ଠାତା ତ୍ରିଲୋଚନ ଦାଶ, ସଦସ୍ୟ କମଳାକାନ୍ତ ପରିଡା, ପୂଜାରାଣୀ ବେହେରା, ସ୍ୱାଗତିକା ପଣ୍ଡା ପ୍ରମୁଖ ଶୀତବସ୍ତ୍ର, ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।



# ( ରିଲିଫ ) ଅସମୟ ର ବନ୍ଧୁ ହିଁ ପ୍ରକୃତ ବନ୍ଧୁ

ଏହି ଦର୍ଶନଃବାଦ ସମୟ ଓ ଅସମୟ ରେ ଆମେ ସଦା ସର୍ବଦା ଅସହାୟ ଓ ନିରୁପାୟ ଲୋକମାନଙ୍କ ପାଖରେ ଏକ ଭାରଷାର ସ୍ତମ୍ଭ ହୋଇ ଠିଆ ହେବା ପାଇଁ ଆମର ଧର୍ମ ବୋଲି ଗ୍ରହଣ କରିଛୁ | ଆଉ ଆମର ଏହି ଧର୍ମ ର ପାଳନ ପାଇଁ ଯେତେବେଳେ ଭି ଏହିପରି ଲୋକ ମାନଙ୍କ ର ଆବଶ୍ୟକତା ସୃଷ୍ଟି ହୋଇଛି ଆମେ ଚୁଡା, ଚାଉଳ, ଗହମ, ଚିନି, ପାନୀୟ ଜଳ ଓ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ପରି ଅତ୍ୟାବଶ୍ୟକ ସାମଗ୍ରୀମାନ ଧରି ଆମେ ସେମାନଙ୍କ ପାଖରେ ପହଞ୍ଚିଛୁ | ଆମେ ଉତ୍କଳ ଫାଉଣ୍ଡେସନ ଲୋକମାନଙ୍କୁ ଗୋଟିଏ କଥା ହିଁ ହୃଦୟଙ୍ଗମ କରାଇବାକୁ ଚେଷ୍ଟା କରିଛୁ ଯେ ଉତ୍କଳ ଫାଉଣ୍ଡେସନ ଅସହାୟ ଲୋକମାନଙ୍କର, ଲୋକ ମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା ଏପରି ଏକ ସଂଗଠନ ଯାହାର ଆଦର୍ଶ ହେଉଛି -

" ସହାୟତା ଓ ସେବା ଆମର ଅନୁଗ୍ରହୀତା ନୁହେଁ ସହାୟତା ଓ ସେବା ଆମର ଦାୟିତ୍ୱବଦ୍ଧତା | "

# ଅସହାୟ ପରିବାରର ଦାୟିତ୍ୱ ଗ୍ରହଣ କଲା ଉତ୍କଳ ଫାଉଣ୍ଡସନ ଟ୍ରଷ୍ଟ

।। ପ୍ରଭାନ୍ୟୁଜ ।।



ଭଣ୍ଡାରିପୋଖରୀ, ୫।୩: ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଭାନୁପୁର ଗ୍ରାମର କାର୍ତ୍ତିକ ଜେନାଙ୍କ ଦେହାନ୍ତ ପରେ ଅସହାୟ ହୋଇପଡିଥିବା ପରିବାର ଦାୟିତ୍ୱ ଗ୍ରହଣ କରିଛି ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ। ଟ୍ରଷ୍ଟ ପକ୍ଷରୁ କାର୍ତ୍ତିକଙ୍କ ଶୁଦ୍ଧିକ୍ରିୟା ଖର୍ଚ୍ଚ ବହନ କରାଯିବା ସହ କନ୍ୟା ମାମୁନିର ପଢା ଦାୟିତ୍ୱ ଓ ଝାଟିମାଟି ବାସଗୃହକୁ ପକ୍କା ଗୃହରେ ପରିଣତ କରିବା ଦାୟିତ୍ୱ ମଧ୍ୟ ଗ୍ରହଣ କରାଯାଇଛି। ଟ୍ରଷ୍ଟି ତ୍ରିଲୋଚନ ଦାଶ, ସମ୍ପାଦିକା ପୂଜାରାଣୀ ବେହେରା, ରତିକାନ୍ତ ନାୟକ, ତୋଫାନୀ ପଣ୍ଡା ପ୍ରମୁଖ ସକ୍ରିୟ ଭାବେ ଏହି କାର୍ଯ୍ୟର ତତ୍ତ୍ୱାବଧାନ କରିଥିଲେ।



# ଅଗ୍ନିକାଣ୍ଡ ବିପନ୍ନଙ୍କୁ ସହାୟତା



ଭଣ୍ଡାରିପୋଖରୀ,୧୮।୧୨(ନିପ୍ର): ଭଣ୍ଡାରିପୋଖରୀ ବ୍ଲକର ପାଟୁଳି ପଞ୍ଚାୟତ ମୋବାରକପୁର ଗେଙ୍ଗୁଟିଆସାହିର ଅଗ୍ନି ବିପନ୍ନ ଆଦିବାସୀ ପରିବାର ରାମ ମୁଣ୍ଡା ଓ ବେଳମଳା ସାହିର ପରମା ମୁଣ୍ଡା ଓ ରିଙ୍କୁ ମୁଣ୍ଡାଙ୍କୁ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶନିବାର ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ଉପସଭାପତି ଅଜୟ କୁମାର ରାଉତଙ୍କ ନେତୃତ୍ୱରେ ପ୍ରତିଷ୍ଠାତା ତ୍ରିଲୋଚନ ଦାଶ, ସଦସ୍ୟ କମଳାକାନ୍ତ ପରିଡା, ପୂଜାରାଣୀ ବେହେରା, ସ୍ୱାଗତିକା ପଣ୍ଡା ପ୍ରମୁଖ ଶୀତବସ୍ତ୍ର, ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।







# ଆମର ଭୌଗଳିକ ଅବସ୍ଥାନ







# ଆମର ଭୌଗଳିକ ଅବସ୍ଥାନ

ଅତି ବିଖ୍ୟାତ ଦର୍ଶନଃବାଦ " ପ୍ରକୃତ କାମ ହିଁ ପ୍ରକୃତ ପରିବର୍ତ୍ତନ ଆଣିଥାଏ " ରେ ବିଶ୍ୱାସ ରଖି ଆମେ ଉତ୍କଳ ଫାଉଣ୍ଡେସନ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ସମସ୍ତ ଲୋକଙ୍କ ପାଖରେ ପହଞ୍ଚିବାକୁ ଯଥା ସାଧ୍ୟ ଚେଷ୍ଟା ଚଳେଇ ଆସିଛୁ ସେଇଟା ଅତି ଦୁର୍ଗମ ଗ୍ରାମ ହେଉ ଅବା ଅପହଞ୍ଚ ଅପରିଷ୍କାର ବସ୍ତି ହେଉ | ଆମର ଦାୟିତ୍ୱବଦ୍ଧତା କୁ ଆମେ " ବସୁଧୈବ କୁଟୁମ୍ବକମ୍ " ପରି ମହା ମନ୍ତ୍ର ରେ ଅଭିମନ୍ତ୍ରିତ କରି ଆମେ ବହୁ ଗ୍ରାମ, ପୂରପଲ୍ଲୀ ଓ ବସ୍ତି ଅଞ୍ଚଳ ରେ ପହଞ୍ଚି ପାରିଛୁ |


ସାଧାରଣ ପରିଷଦ ବୈଠ


INCUMBENCY CHART
OF
IIC BHANDARIPOKHARI PS.
WEF-06-03-2009




















# ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର ବନ୍ଧୁମିଳନ ଓ ସାମ୍ବାଦିକ ସମ୍ମାନ ଉତ୍ସବ

॥ ପ୍ରଭାନ୍ୟୁଜ୍ ॥ ଭଣ୍ଡାରିପୋଖରୀ,୧୦।୪ : କଠିନ ଓ ପ୍ରତିକୂଳ ପରିସ୍ଥିତିରେ ଅହରହ କାର୍ଯ୍ୟ ସମ୍ପାଦନ କରୁଥିବା ସାମ୍ବାଦିକଙ୍କୁ ସହାନୁଭୂତି ଓ ସୁରକ୍ଷା ଲୋଡା। ଏହାକୁ ଅନୁଭବ କରି ସମାଜ ଓ ପ୍ରଶାସନ କାର୍ଯ୍ୟ କରୁ ବୋଲି ଭଣ୍ଡାରିପୋଖରୀ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର ପକ୍ଷରୁ ରବିବାର ଆୟୋଜିତ ବନ୍ଧୁମିଳନ ଓ ସାମ୍ବାଦିକ ସମ୍ବର୍ଦ୍ଧନା ମହୋତ୍ସବରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି। ଶିକ୍ଷାବିତ ନଟବର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ଏଥିରେ କାର୍ତ୍ତିକ ସ୍ୱାଇଁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରସାନନ୍ଦ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଲତା ମହାନ୍ତି, ଅଧ୍ୟାପକ ଅନାଦି ଚରଣ ସାହୁ, ଟ୍ରଷ୍ଟର ପ୍ରତିଷ୍ଠାତା ତ୍ରିଲୋଚନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ନିରବଚ୍ଛିନ୍ନ ସେବାମୂଳକ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଗତ ଭାଷଣ ପ୍ରତିଷ୍ଠାତା ଶ୍ରୀ ଦାଶ, ଟ୍ରଷ୍ଟର ସଭାପତି ଅଜିତ ପତି ଅତିଥି ପରିଚୟ ଓ ରତିକାନ୍ତ ନାୟକ ଓ ପୂଜାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ କୁମାର ରାଉତ, ପ୍ରଭାତ ରାଉତ, ବିନୋଦ ବାରିକ, ନୀଳମଣି ସାହାଣୀ, ତୁଫାନି ଓ ସୁଜିତ ପ୍ରମୁଖ ଟ୍ରଷ୍ଟର ସଦସ୍ୟ/ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବନ୍ଧୁମିଳନ



ଭଣ୍ଡାରିପୋଖରୀ,୧୦।୪(ଆ.ପ୍ର): ଖବର ପ୍ରକାଶନ ଯେମିତି ବଢ଼ିଛି, ସମାଜସେବା ମଧ୍ୟ ଅନୁରୂପ ଭାବେ ସାମ୍ବାଦିକଙ୍କ ବଢ଼ିଛି। ଅପ୍ରିୟ ସତକଥା ପ୍ରସାରଣ କରି ଅବହେଳିତ ଲୋକଙ୍କ ସ୍ୱରକୁ ଉପସ୍ଥାପନ କରିପାରିଲେ ସାମ୍ବାଦିକତା ସାର୍ଥକ ହୋଇଥାଏ ବୋଲି ଭଣ୍ଡାରିପୋଖରୀ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର ପକ୍ଷରୁ ରବିବାର ଆୟୋଜିତ ବନ୍ଧୁମିଳନ ଓ ସାମ୍ବାଦିକ ସମ୍ବର୍ଦ୍ଧନା ମହୋତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ ନଟବର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ କାର୍ତ୍ତିକ ସ୍ୱାଇଁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରସାନନ୍ଦ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଲତା ମହାନ୍ତି, ଅଧ୍ୟାପକ ଅନାଦି ଚରଣ ସାହୁ, ଟ୍ରଷ୍ଟର ପ୍ରତିଷ୍ଠାତା ତ୍ରିଲୋଚନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ନିରବଚ୍ଛିନ୍ନ ସେବାମୂଳକ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଗତ ଭାଷଣ ପ୍ରତିଷ୍ଠାତା ଶ୍ରୀ ଦାଶ, ଟ୍ରଷ୍ଟର ସଭାପତି ଅଜିତ ପତି ଅତିଥି ପରିଚୟ ଓ ରତିକାନ୍ତ ନାୟକ ଓ ପୂଜାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ କୁମାର ରାଉତ, ପ୍ରଭାତ ରାଉତ, ବିନୋଦ ବାରିକ, ନୀଳମଣି ସାହାଣୀ, ତୋଫାନି ଓ ସୁଜିତ ପ୍ରମୁଖ ଟ୍ରଷ୍ଟର ସଦସ୍ୟାସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



Registration No
40232104044

REGISTERED BY GOVT. OF ODISHA UNDER CHARITABLE TRUST ACT

# UTKAL FOUNDATION

ସମସ୍ତଙ୍କର ସେବା ଓ ସମାଜର ଆଧ୍ୟାତ୍ମିକ ଉନ୍ନତି ଆମର ମୂଳ ମନ୍ତ୍ର

Mail ID info@utkalfoundation.in Mob : 7978230576